# ହୁରିୟତ୍ କନଫରେନ୍ସରୁ ଗୀଲାନିଙ୍କ ଇସ୍ତଫା



ଶ୍ରୀନଗର, ୨୯।୬/ଏଜେନ୍ସି : ଜମ୍ମୁ-କଶ୍ମୀରର ବିଚ୍ଛିନ୍ନତାବାଦୀ ସଙ୍ଗଠନ ହୁରିୟତ୍ କନଫରେନ୍ସର ନେତା ସୟଦ୍ ଅଲ୍ଲୀ ଶାହା ଗୀଲାନି ଇସ୍ତଫା ଦେଇଛନ୍ତି। ଏହି କଟ୍ଟରପନ୍ଥୀ ହୁରିୟତ ନେତା ସୋମବାର ଅତି ନାଟକୀୟ ଭାବେ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଅଲ୍ ପାର୍ଟି ହୁରିୟତ୍ କନଫରେନ୍ସରୁ ମୁଁ ସମ୍ପୂର୍ଣ୍ଣ ଦୂରେଇ ଯାଉଛି। ହୁରିୟତ୍ କନଫରେନ୍ସର ସଦସ୍ୟମାନଙ୍କୁ ସେ ଏକ ପତ୍ର ଲେଖି ଏହି ସଙ୍ଗଠନର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଏହି ପ୍ଲାଟଫର୍ମରୁ ମୁଁ ନିଜକୁ ଦୂରେଇ ନେଉଛି। ଉଲ୍ଲେଖଯୋଗ୍ୟ ୧୯୯୩ ମାର୍ଚ୍ଚ ୯ରେ ହୁରିୟତ୍ କନଫରେନ୍ସ ଗଠନ କରାଯାଇଥିଲା। ଗଠନ ହେବାର ୧୦ ବର୍ଷ ପରେ ଏହା ଦୁଇଭାଗ ହୋଇଯାଇଥିଲା। ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଉଥିଲେ ମିର୍ ୱେଜ୍ ଉମର ଫାରୁକ୍ ଏବଂ କଟ୍ଟରପନ୍ଥୀ ଗୋଷ୍ଠୀର ମୁଖ୍ୟ ଥିଲେ ଗୀଲାନି। ଗତବର୍ଷ ଅଗଷ୍ଟ ମାସରୁ ୯୦ ବର୍ଷ ବୟସ୍କ ଗୀଲାନି ଗୃହବନ୍ଦୀ ହୋଇ ରହିଛନ୍ତି। ସେ ହୁରିୟତର ଆଜୀବନ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ନେତୃତ୍ୱ ବିରୋଧରେ ବିରୋଧରେ ସଦସ୍ୟମାନଙ୍କ ମଧ୍ୟରେ ବିଦ୍ରୋହ ତାଙ୍କ ଇସ୍ତଫାର ଅନ୍ୟତମ କାରଣ ବୋଲି ଏକ ସମ୍ବାଦ ସରବରାହ ସଂସ୍ଥା ରିପୋର୍ଟ କରିଛି। ଗତବର୍ଷ ଅଗଷ୍ଟମାସରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହେବା ପରେ ସେଠାରେ ବିଚ୍ଛିନ୍ନତାବାଦୀ ରାଜନୀତି ପାଇଁ ତାଙ୍କର ଇସ୍ତଫା ଏକ ବଡଘଟଣା ବୋଲି କୁହାଯାଉଛି।

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com